# NATIONAL NEWS BULLETIN (ODIA)

## 15 June 2026

## Midday Bulletin : 1.50 P.M.

*********************************

## ମୁଖ୍ୟ ସମ୍ବାଦ

- ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ସମାପ୍ତି ନେଇ  ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୁଝାମଣା

–ଆସନ୍ତା ଶୁକ୍ରବାର ଜେନେଭାଠାରେ ସ୍ୱାକ୍ଷରିତ ହେବ ଚୁକ୍ତି

–ବୁଝାମଣାକୁ ସ୍ୱାଗତ କଲେ ପ୍ରଧାନମନ୍ତ୍ରୀଙ୍କ ସମେତ ଜାତିସଂଘ ମହାସଚିବ ଏବଂ ବିଶ୍ୱ ନେତୃମଣ୍ଡଳୀ

- ଫ୍ରାନ୍ସର ଏଭିଆନ୍‌ଠାରେ ଆଜିଠାରୁ ଆରମ୍ଭ ହେଉଛି ୫୨ତମ ଜି-୭ ଶିଖର ସମ୍ମିଳନୀ

–ଆସନ୍ତାକାଲି ଯୋଗଦେବେ ପ୍ରଧାନମନ୍ତ୍ରୀ

- କୋଲକାତାଠାରେ ଅନୁଷ୍ଠିତ ହେବ ଆନ୍ତର୍ଜାତିକ ଯୋଗଦିବସର ମୁଖ୍ୟ ଜାତୀୟ କାର୍ଯ୍ୟକ୍ରମ
- ଜେୱାରସ୍ଥିତ ନଏଡା ଆନ୍ତର୍ଜାତିକ ବିମାନ ବନ୍ଦରରେ ଆରମ୍ଭ ହେଲା ବାଣିଜ୍ୟିକ ବିମାନ ଚଳାଚଳ

ଏବଂ

- ଫିଫା ବିଶ୍ୱକପ୍ ଫୁଟ୍‌ବଲ ପ୍ରତିଯୋଗିତାରେ ଟ୍ୟୁନିସିଆକୁ ୫-୧ ଗୋଲ୍‌ରେ ପରାସ୍ତ କଲା ସ୍ୱିଡେନ୍ ।

# ଇରାନ-ଆମେରିକା ଡିଲ୍

ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ସମାପ୍ତି ନେଇ ଚୁକ୍ତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଟ୍ରୁଥ୍ ସାମାଜିକ ଗଣମାଧ୍ୟମରେ ଏ ସଂପର୍କରେ ସୂଚନା ଦେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ  ଟ୍ରମ୍ପ କହିଛନ୍ତି, ଆସନ୍ତା ୧୯ ତାରିଖରେ ସ୍ୱିଜରଲ୍ୟାଣ୍ଡର ଜେନେଭାଠାରେ ଉଭୟ ଦେଶ ମଧ୍ୟରେ ଶାନ୍ତିଚୁକ୍ତି ସ୍ୱାକ୍ଷରିତ ହେବ । ଇରାନ ବନ୍ଦରଗୁଡ଼ିକ ଉପରେ ଆମେରିକା ନୌସେନା କରିଥିବା ଅବରୋଧକୁ ପ୍ରତ୍ୟାହାର କରି ନିଆଯିବ ବୋଲି ରାଷ୍ଟ୍ରପତି ଟ୍ରମ୍ପ ସୂଚନା ଦେଇଛନ୍ତି । ଆନୁଷ୍ଠାନିକ ଭାବେ ଚୁକ୍ତି ସ୍ୱାକ୍ଷରିତ ହେବା ପରେ ହର୍ମୁଜ ପ୍ରଣାଳୀ ସାର୍ବଜନୀନ କ୍ଷେତ୍ର ପାଇଁ  ଉନ୍ମୁକ୍ତ ହେବ । ଉଭୟ ଦେଶ ମଧ୍ୟରେ ସ୍ୱାକ୍ଷରିତ ହେବାକୁ ଥିବା ଏହି ଚୁକ୍ତି ସେଠାରେ ଶାନ୍ତି ଓ ସୁରକ୍ଷାକୁ ସୁନିଶ୍ଚିତ କରିବ । ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ସେଠାରୁ ୟୁରାନିୟମକୁ ପ୍ରତ୍ୟାହାର କରିବା ନେଇ ଉଭୟ ଦେଶ ମଧ୍ଯରେ ୬୦ ଦିନ ଭିତରେ ଆଲୋଚନା ହେବ ବୋଲି ଶ୍ରୀ ଟ୍ରମ୍ପ କହିଛନ୍ତି ।

ଅନ୍ୟପକ୍ଷରେ ଇରାନର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦ କହିଛି, ଲେବାନନ ସମେତ ଅନ୍ୟାନ୍ୟ ଅଞ୍ଚଳଗୁଡ଼ିକରେ ଆଜି ରାତିରେ ସ୍ଥାୟୀ ଭାବେ ଯୁଦ୍ଧ ତଥା ଅନ୍ୟାନ୍ୟ ସାମରିକ ଅଭିଯାନ ବନ୍ଦ ରଖାଯିବ ।

ଦୁଇଦେଶ ମଧ୍ୟରେ ଶାନ୍ତିଚୁକ୍ତି ନେଇ ସୂଚନା ମିଳିବା ପରେ ଆନ୍ତର୍ଜାତିକ କ୍ଷେତ୍ରରେ ଅଶୋଧିତ ତୈଳଦର ହ୍ରାସ ପାଇଛି ।

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଉଭୟ ଦେଶ ମଧ୍ୟରେ ହେବାକୁ ଥିବା ଶାନ୍ତିଚୁକ୍ତିନାମାକୁ ସ୍ୱାଗତ କରିଛନ୍ତି । ଶ୍ରୀ ଗୁଟେରସ୍ଙ୍କ

ମୁଖପାତ୍ର ଷ୍ଟିଫେନ୍ ଡୁଜାରିକ୍  କହିଛନ୍ତି, ସଂଘର୍ଷର ଶାନ୍ତିପୂର୍ଣ୍ଣ ସମାଧାନ ହର୍ମୁଜ ପ୍ରଣାଳୀ ଉନ୍ମୁକ୍ତ ହେବା ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ ଏହି ଶାନ୍ତିଚୁକ୍ତିନାମା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ବିଶ୍ୱର ବିଭିନ୍ନ ରାଷ୍ଟ୍ରର ଶୀର୍ଷ ନେତୃମଣ୍ଡଳୀ ଆମେରିକା ଓ ଇରାନ ମଧ୍ୟରେ ହେବାକୁ ଥିବା ଶାନ୍ତିଚୁକ୍ତିକୁ ସ୍ୱାଗତ କରିଛନ୍ତି । ଏହି ପଦକ୍ଷେପ ଏକ ପ୍ରମୁଖ କୂଟନୈତିକ ସଫଳତା ଭାବେ ବର୍ଣ୍ଣନା କରି ସେମାନେ କହିଛନ୍ତି, ପଶ୍ଚିମ ଏସିଆ ଅଞ୍ଚଳରେ ସ୍ଥିରତା ଫେରାଇ ଆଣିବାରେ ଏହା  ଉଲ୍ଲେଖନୀୟ ସାବ୍ୟସ୍ତ ହେବ ।

# ପିଏମ୍-ୟୁଏସ୍-ଇରାନ

ଭାରତ ଏହି ଚୁକ୍ତିନାମାକୁ ସ୍ୱାଗତ କରିଛି । ପଶ୍ଚିମଏସିଆ ସଂଘର୍ଷର ଅବସାନ କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଏହି ବୁଝାମଣା ନୌଚାଳନା ଏବଂ ବାଣିଜ୍ୟ ସ୍ୱାଧୀନତାକୁ ସୁନିଶ୍ଚିତ କରିବ ବୋଲି ଆଶା କରାଯାଉଛି । ଉଭୟ ଦେଶ ମଧ୍ୟରେ ଏକ ସ୍ଥାୟୀ ତଥା ଚୂଡ଼ାନ୍ତ ଚୁକ୍ତିନାମାରେ ପହଞ୍ଚିବା ପାଇଁ ବାକି ରହିଥିବା ପ୍ରସଙ୍ଗ ଗୁଡ଼ିକ ଉପରେ ବିଚାର ବିମର୍ଶ କରିବାକୁ ଭାରତ ଇଚ୍ଛା ପ୍ରକାଶ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ପିଏମ୍-ଜି-୭

ଫ୍ରାନ୍ସର ଏଭିଆନ୍‌ଠାରେ ଆଜି ୫୨ତମ ଜି-୭ ଶିଖର ସମ୍ମିଳନୀ ଆରମ୍ଭ ହେବାକୁ ଯାଉଛି । ଏହି ୩ ଦିନିଆ କାର୍ଯ୍ୟକ୍ରମରେ ଜି-୭ ସଦସ୍ୟ ରାଷ୍ଟ୍ର କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ, ବ୍ରିଟେନ୍, ଆମେରିକା ଏବଂ ୟୁରୋପୀୟ ସଂଘ ଯୋଗଦେଉଛନ୍ତି । ଏଥିସହିତ ଭାରତ, ବ୍ରାଜିଲ,

ଇଜିପ୍ଟ, କେନିଆ, ଦକ୍ଷିଣ କୋରିଆ, କାତାର, ସାଉଦିଆରବ, ସିରିଆ, ୟୁକ୍ରେନ୍ ଏବଂ ୟୁନାଇଟେଡ୍ ଆରବ ଏମିରେଟ୍ସ ସମ୍ମିଳନୀରେ ଯୋଗ ଦେବା ପାଇଁ ଫ୍ରାନ୍ସ ପକ୍ଷରୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯାଇଛି । ଭାରତ ତ୍ରୟୋଦଶଥର ପାଇଁ ଜି-୭ ରାଜ୍ୟଗୋଷ୍ଠୀ ସମ୍ମିଳନୀର ସହଯୋଗୀ ରାଷ୍ଟ୍ରଭାବେ ଅଂଶ ଗ୍ରହଣ କରିବାକୁ ଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଅଧିବେଶନରେ ଅଂଶ ଗ୍ରହଣ କରିବେ । ପ୍ରଧାନମନ୍ତ୍ରୀ ଏହି ସମ୍ମିଳନୀରେ ବିଶ୍ୱର ଭୂ-ରାଜନୈତିକ କ୍ଷେତ୍ରରେ ଭାରତର ଭୂମିକା ନେଇ ନିଜର ମତ ପୋଷଣ କରିବେ । ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ତଥା ଏକ ଦୃଢ଼ ଅର୍ଥନୀତି ସମ୍ପନ୍ନ ଏବଂ ବିକାଶଶୀଳ ରାଷ୍ଟ୍ର ଭାବେ ଜି-୭ ସମ୍ମିଳନୀରେ ଭାରତର ଯୋଗଦାନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଦକ୍ଷିଣ ବିଶ୍ୱର ରାଷ୍ଟ୍ରଗୁଡ଼ିକୁ ସମର୍ଥନ ପ୍ରଦାନ ତଥା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରକୁ ଅଧିକ ବିକଶିତ କରିବା ଏବଂ ରଣନୈତିକ ସହଭାଗିତାକୁ ମଜବୁତ କରିବା ନେଇ ପ୍ରଧାନମନ୍ତ୍ରୀ ସମ୍ମିଳନୀରେ ଭାରତର ଭୂମିକା ଉପରେ ଆଲୋକପାତ କରିବେ ।

## ଯୋଗ ଦିବସ

ଆସନ୍ତା ୨୧ ତାରିଖରେ ପାଳନ ହେବାକୁ ଥିବା ଆନ୍ତର୍ଜାତିକ ଯୋଗଦିବସ ମୁଖ୍ୟ ଜାତୀୟ କାର୍ଯ୍ୟକ୍ରମ କୋଲକାତାଠାରେ ଅନୁଷ୍ଠିତ ହେବ ବୋଲି ଆୟୁଷମନ୍ତ୍ରୀ ପ୍ରତାପ ରାଓ ଯାଦବ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସମ୍ବୋଧନ କରି ମନ୍ତ୍ରୀ ଶ୍ରୀ ଯାଦବ କହିଛନ୍ତି, ଚଳିତବର୍ଷ ଯୋଗ ଦିବସର ବିଷୟବସ୍ତୁ ରହିଛି "ସ୍ୱାସ୍ଥ୍ୟବାନ ବୟସ୍କଙ୍କ ପାଇଁ ଯୋଗ" । ଶ୍ରୀ ଯାଦବ କହିଛନ୍ତି, ବୟସ ବଢ଼ିବା ସହିତ ଲୋକଙ୍କୁ ସୁସ୍ଥ, ସକ୍ରିୟ, ସ୍ୱାବଲମ୍ବୀ ଏବଂ ମାନସିକ ଭାବରେ ସ୍ଥିର ରଖିବାରେ ଯୋଗ

ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ଆଧାରରେ ବିଶ୍ୱବ୍ୟାପୀ ଯୋଗ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି । ବିଶ୍ୱବ୍ୟାପୀ ଭାରତୀୟ ମିଶନ ଦ୍ୱାରା ପ୍ରାୟ ୨ ହଜାର ୫୦୦ଟି ସ୍ଥାନରେ ଯୋଗଦିବସ ଆୟୋଜନ ନେଇ ପ୍ରସ୍ତୁତି ଜାରି ରହିଛି ବୋଲି ମନ୍ତ୍ରୀ ଶ୍ରୀ ଯାଦବ କହିଛନ୍ତି ।

## ଜେୱାର ଏୟାରପୋର୍ଟ

ଉତ୍ତରପ୍ରଦେଶର ଗୌତମବୁଦ୍ଧନଗରର ଜେୱାରସ୍ଥିତ ନଏଡା ଆନ୍ତର୍ଜାତିକ ବିମାନ ବନ୍ଦରର ଆଜି ପ୍ରଥମ ବାଣିଜ୍ୟିକ ବିମାନ ଚଳାଚଳ ଆଜିଠାରୁ ଆରମ୍ଭ ହୋଇଛି । ଦେଶର ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଏହା ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି । ଉଦ୍‌ଘାଟନୀ ସମାରୋହରେ ଉଦ୍‌ବୋଧନ ଦେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କିଞ୍ଜରାପୁ ରାମମୋହନ ରାଇଡୁ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଆଧାରିତ ସୁଦୃଢ଼ ଯୋଗାଯୋଗ ବ୍ୟବସ୍ଥା ଏବଂ ଦେଶବ୍ୟାପୀ ବିଶ୍ୱସ୍ତରୀୟ ବିମାନ ଚଳାଚଳ ଭିତ୍ତିଭୂମି ବିକାଶ କ୍ଷେତ୍ରକୁ ଏହି ବିମାନ ଚଳାଚଳ ପ୍ରତିଫଳନ କରୁଛି । ଏହି ବିମାନ ବନ୍ଦର ପ୍ରତିଷ୍ଠା ପାଇଁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ'ସ୍ଥାନୀୟ କୃଷକ ଏବଂ ରାଜ୍ୟବାସୀଙ୍କୁ ଜମିଦାନ ମାଧ୍ୟମରେ ସହଯୋଗ ପ୍ରଦାନ କରିଥିବାରୁ ମନ୍ତ୍ରୀ ଶ୍ରୀ ନାଇଡୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଦେଶରେ ବିମାନବନ୍ଦର ସଂଖ୍ୟା ଏବେ ବୃଦ୍ଧି ପାଇ ୧୬୫ରେ ପହଞ୍ଚିଛି । ଗତ ଦଶନ୍ଧି ମଧ୍ୟରେ ବିମାନ ବନ୍ଦର ଭିତ୍ତିଭୂମି କ୍ଷେତ୍ର ପାଇଁ ୧ଲକ୍ଷ ୪୦ ହଜାର କୋଟିରୁ ଅଧିକ ନିବେଶ କରାଯାଇଥିବା ମନ୍ତ୍ରୀ ଶ୍ରୀ ନାଇଡୁ ସୂଚନା ଦେଇଛନ୍ତି ।

# ପିଏମ୍-ମିଡିଲ୍ କ୍ଲାସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଦେଶର ମଧ୍ୟବିତ୍ତବର୍ଗ ରାଷ୍ଟ୍ର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି । ଏନ୍‌ଡିଏ ସରକାର ସେମାନଙ୍କର ଆଶା ଆକାଂକ୍ଷା ପୂରଣ କରିବା ପାଇଁ କାର୍ଯ୍ୟ କରୁଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଗତ ଦଶନ୍ଧି ଧରି ସରକାର ସାଧାରଣ ନାଗରିକଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବା ପାଇଁ କ୍ରମାଗତ ଭାବେ ପ୍ରୟାସ ଜାରି ରଖିଛନ୍ତି। ଭିତ୍ତିଭୂମି ବିକାଶ, ସାର୍ବଜନୀନ ସେବାରେ ଉନ୍ନତି, ସୁଲଭ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟସେବା, ଶିକ୍ଷା, ସ୍ୱଚ୍ଛ ପରିବେଶ ଏବଂ ଦୈନନ୍ଦିନ ଜୀବନରେ ଖର୍ଚ୍ଚ ହ୍ରାସ କରିବା ନେଇ ସରକାର ପ୍ରାଥମିକତା ଦେଇ କାର୍ଯ୍ୟ କରୁଛନ୍ତି ।

ବିଜେପି ରାଷ୍ଟ୍ରୀୟ ସଭାପତି ନୀତିନ ନବୀନ କହିଛନ୍ତି ସରକାର ଗତ ୧୨ ବର୍ଷ ମଧ୍ୟରେ ମଧ୍ୟବିତ୍ତବର୍ଗଙ୍କ ଆର୍ଥିକ ସୁରକ୍ଷା, ଜୀବନଧାରଣ ମାନରେ ଉନ୍ନତି ଏବଂ ନୂତନ ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟ ନେଇ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ନବୀନ କହିଛନ୍ତି, ଆୟକର ଏବଂ ଜିଏସଟି ସଂସ୍କାର, ଉଜ୍ଜ୍ୱଳା ଯୋଜନା, ଜଳଜୀବନ ମିଶନ, ସ୍ୱଚ୍ଛ ଭାରତ, ଆୟୁଷ୍ମାନ ଭାରତ ଆଦି ବିଭିନ୍ନ ପଦକ୍ଷେପ ନାଗରିକଙ୍କ ଦୈନନ୍ଦିନ ଜୀବନକୁ ଅଧିକ ସହଜ ତଥା ସଶକ୍ତ କରିପାରିଛି ।

# ସୀତାରମଣ-ଫୁଡ୍‌ଗ୍ରେନ୍ସ

ଦେଶରେ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟଶସ୍ୟ ରହିଛି ଏବଂ ଏଲ୍.ନିନୋ ପରିସ୍ଥିତି ସତ୍ତ୍ୱେ ଖାଦ୍ୟର ଅଭାବ ରହିବ ନାହିଁ ବୋଲି ଅର୍ଥମନ୍ତ୍ରୀ ନିର୍ମଳା

ସୀତାରମଣ କହିଛନ୍ତି । ନୂଆଦିଲ୍ଲୀଠାରେ ଆଜେ ମାଇଣ୍ଡ୍‌ମାଇନ୍ ସମ୍ମିଳନୀକୁ ସମ୍ବୋଧନ କରି ଅର୍ଥମନ୍ତ୍ରୀ କହିଛନ୍ତି, ଚଳିତବର୍ଷ ସ୍ୱାଭାବିକଠାରୁ କମ୍ ପରିମାଣର ମୌସୁମ ବର୍ଷା ହେବା ନେଇ ଆଶା କରାଯାଉଛି । ତେବେ ଖରିଫ୍ ଋତୁ ଫସଲ ପାଇଁ ଦେଶରେ ପର୍ଯ୍ୟାପ୍ତ ପରିମାଣର ସାର ଉପଲବ୍ଧ ରହିଛି ବୋଲି ସେ କହିଛନ୍ତି । ଆଗାମୀ ରବିଋତୁ ପାଇଁ ଆସନ୍ତା ନଭେମ୍ବର ମାସରୁ ସାର ଯୋଗାଣ ଆରମ୍ଭ ହେବ ବୋଲି ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଯୋଗର ଉପକାରିତା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଯୋଗ ବିଶେଷଜ୍ଞ ଅନିତା କୌଶିକ ଏବଂ କମଲ୍ କିଶୋର ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ Xରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ଫିଫା ୱ୍ୱାର୍ଲଡ କପ୍

ଫିଫା ଫୁଟ୍‌ବଲ ବିଶ୍ୱକପ ପ୍ରତିଯୋଗିତାରେ ଆଜି ଖେଳାଯାଇଥିବା ଗ୍ରୁପ୍-ଏଫ୍ ପର୍ଯ୍ୟାୟ ମ୍ୟାଚ୍‌ରେ ସ୍ୱୀଡେନ୍ ବିଜୟୀ ହୋଇଛି । ମେକ୍ସିକୋର ମୋଣ୍ଟେ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ

ସ୍ୱିଡେନ୍‌'ଟ୍ୟୁନିସିଆକୁ ୫-୧ ଗୋଲ୍‌ରେ ପରାସ୍ତ କରିଛି । ପୂର୍ବରୁ ଗତକାଲିର ମ୍ୟାଚ୍‌ରେ ଜର୍ମାନୀ କ୍ୟୁରାସାଓ ବିପକ୍ଷରେ ୭-୧ ଗୋଲ୍‌ରେ ବିଜୟୀ ହୋଇଛି । ନେଦରଲ୍ୟାଣ୍ଡ୍‌ସ ଓ ଜାପାନ ମଧ୍ୟରେ ମ୍ୟାଚ୍ ୨-୨ରେ ଅମୀମାଂସିତ ଭାବେ ଶେଷ ହୋଇଛି । ଆଜି ଗ୍ରୁପ୍-ଏଚ୍ ପର୍ଯ୍ୟାୟ ମ୍ୟାଚ୍‌ରେ ସ୍ପେନ୍ ଓ କାବୋଭର୍ଦେ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

## ପାଣିପାଗ

ଭାରତୀୟ ପାଣିପାଗ ବିଭାଗ କହିଛି, ଓଡ଼ିଶା ସମେତ ଝାଡ଼ଖଣ୍ଡ, ବିହାର, କର୍ଣ୍ଣାଟକ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳ ତଥା ଛତିଶଗଡ଼ର ଦକ୍ଷିଣାଞ୍ଚଳ ଓ ମହାରାଷ୍ଟ୍ରର ବହୁ ଅଞ୍ଚଳରେ ଆସନ୍ତା ୫ ଦିନ ମଧ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ପ୍ରବେଶ କରିବ। ଏଥିପାଇଁ ପାଗ ଅନୁକୂଳ ରହିଥିବା ବିଭାଗ କହିଛି । ଆସନ୍ତାକାଲି ପର୍ଯ୍ୟନ୍ତ ଉତ୍ତର-ପୂର୍ବାଞ୍ଚଳ, ପଶ୍ଚିମବଙ୍ଗର ଉପ ହିମାଳୟ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି। ଆଜି ଓଡ଼ିଶା ସମେତ ରାଜସ୍ଥାନ, ପୂର୍ବ ଉତ୍ତରପ୍ରଦେଶ, ଏବଂ ପଶ୍ଚିମ ମଧ୍ୟପ୍ରଦେଶରେ ଧୂଳିଝଡ଼ ସହ ବର୍ଷା ହେବା ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରାଯାଇଛି ।